ସାହିତ୍ୟରେ ଜାତୀୟତା ଧର୍ମ ଅନୁଚିନ୍ତା ଓ ବାଂଛାନିଧି ମହାନ୍ତି

ଅଧ୍ୟାପକ ପଠାଣି ପଟ୍ଟନାୟକ

ଓଡ଼ିଆ ସାହିତ୍ୟର କେତେଖଣ୍ଡି ଇତିହାସ ପୁସ୍ତକ ରଚିତ ହୋଇଥିଲେ ହେଁ ଚଳିତ ଶତାବ୍ଦୀର ଓଡ଼ିଆ ସାହିତ୍ୟ ସଂପର୍କରେ ବୈଜ୍ଞାନିକ ବିଶ୍ଳେଷଣ ହୋଇପାରି ନାହିଁ । ପ୍ରାଚୀନ ଯୁଗର ସାହିତ୍ୟ ସଂପର୍କରେ ଯାହା କିଛି ଲେଖା ଯାଉଛି ତାହା ହୁଏତ ଅନେକ କ୍ଷେତ୍ରରେ ଗବେଷଣା ସାପେକ୍ଷ । ପ୍ରାଚୀନ ଦୁଃଷ୍ପ୍ରାପ୍ୟ ତାଳପତ୍ର ପୋଥି ସଂଗ୍ରହ ଏବଂ ସଂକଳନ ଜରିଆରେ ସେ ଯୁଗ ସଂପର୍କରେ ସମ୍ୟକ ଆଲୋକପାତ କଲାବେଳେ ଆଲୋକଗଣ ଯଦି ବିଚାର ବିଭ୍ରାଟ କରି ବସନ୍ତି ତାହା ହୁଏତ କ୍ଷମଣୀୟ ଅପରାଧ ହୋଇପାରେ, ମାତ୍ର ଚଳିତ ଶତାବ୍ଦୀର ସାହିତ୍ୟ ସଂସାରକୁ ଯେଉଁମାନେ ଗଢିଛନ୍ତି ଏବଂ ଗଢୁଅଛନ୍ତି ଏମାନେ ସମସ୍ତେ ବିସ୍ମୃତ ହେବା ଅବସ୍ଥାକୁ ଆସିନାହାନ୍ତି । ସାହିତ୍ୟ ଓ ସମାଜର ପ୍ରବହମାନ ଧାରାରେ ଯେଉଁ ପ୍ରତିଭାବାନ୍ କର୍ମୀ ଓ ସ୍ରଷ୍ଟାଗଣ ନିଜକୁ ନିୟୋଜିତ କରିଥିଲେ, ସେମାନେ ଏବେ ମଧ୍ୟ ଲୋକ ସମାଜରେ ଆଲୋକିତ ହେଉଅଛନ୍ତି । ଏହି କାରଣରୁ ଆଧୁନିକ ଓଡ଼ିଆ ସାହିତ୍ୟକୁ ବିହଙ୍ଗାବଲୋକନ କଲେ ଜଣାଯାଏ ଯେ ତାହା ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରଖର ସ୍ରୋତ ସହିତ ସମତାଳରେ ଝାସ ଦେଇ ଭାସି ଆସି ପାରିନାହିଁ । ଯେଉଁ କେତେଜଣ ଏହି ସଂଗ୍ରାମୀ ଆହ୍ୱାନରେ ନିଜର କଳ୍ପନା ଏବଂ ସାଧନାକୁ ରସାଣିତ କରିଥିଲେ, ସେମାନଙ୍କୁ ଏ ଯୁଗର ଐତିହାସିକ ଏବଂ ଆଲୋଚକ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରିପାରିନାହାନ୍ତି । ସେଥିପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଗତି ଆଭିମୁଖ୍ୟ ଏବଂ ପ୍ରାଣ ପ୍ରତିଷ୍ଠା ସଂପର୍କରେ ଆଲୋଚନା କଲାବେଳେ ଏହି ଆଲୋଚକଗଣ ଇତିହାସର ସଂକେତ ଏବଂ ସୂଚନାକୁ ଭୁଲି ଯାଇନାହାନ୍ତି । ଏହି ପରିପ୍ରେକ୍ଷୀରେ ଆଲୋଚକମାନଙ୍କ ମଧ୍ୟରେ ବିସ୍ମୃତ ପ୍ରାୟ କବି ବାଞ୍ଛାନିଧି ଅନ୍ୟତମ ସାଧକ କହିଲେ ଅତ୍ୟୁକ୍ତି ହେବନାହିଁ ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତବର୍ଷର ଜାତୀୟତା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ପରାଧୀନ ଭାରତବର୍ଷକୁ ମୁକ୍ତ କରିବା ପାଇଁ ଭାରତର ବହୁ ଗୁଣୀ ସନ୍ତାନ ସେ କାଳରେ ଦେଶବ୍ୟାପୀ ସାଂସ୍କୃତିକ ଆନ୍ଦୋଳନର ଆରମ୍ଭ କରିଦେଇଥିଲେ । ମାତ୍ର ଏହା ପୂର୍ବରୁ ଦେଶରୁ ନାନା ସଂସ୍କାର ଧର୍ମ ଆନ୍ଦୋଳନ ଏବଂ ଆଧ୍ୟାତ୍ମିକ ଭାବନାର ପ୍ଲାବନ ଜୀବନରେ ନୂତନ ଅବବୋଧ ସୃଷ୍ଟି କରିପାରିଥିଲା । ଆର୍ଯ୍ୟ ସମାଜ, ବ୍ରାହ୍ମ ସମାଜ ଏବଂ ରାମକୃଷ୍ଣ ମିସନ୍ ପ୍ରଭୃତି ଅନୁଷ୍ଠାନ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରେ ଆକୁମାରୀ ହିମାଚଳ ଏକ ପ୍ରକାର ଚଳ ଚଂଚଳ ପ୍ରାଣ ପ୍ରବାହ ସୃଷ୍ଟି ହୋଇଯାଇଥିଲା । ପ୍ରତ୍ୟକ୍ଷ ଭାବରେ ଜାତୀୟତା ଆନ୍ଦୋଳନ ପାଇଁ ତାହା ଥିଲା ଏକ ବଳିଷ୍ଠ ଭୂମିକା । ଉନବିଂଶ ଶତବ୍ଦୀର ଶେଷ ଭାଗରେ ଯେଉଁ ଓଡ଼ିଆ କବି ଓ ଲେଖକଗଣ ଏଥି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ, ସେମାନେ ହେଲେ ଭକ୍ତ କବି ମଧୁସୁଦନ, ବ୍ୟାସକବି ଫକୀର ମୋହନ, କର୍ମଯୋଗୀ ଗୌରୀଶଙ୍କର ଏବଂ ବାଗ୍ମୀ ବିଶ୍ୱନାଥ ପ୍ରଭୃତି ସାହିତ୍ୟିକ ବୀରଗଣ । ୧୯୦୩ ସାଲରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଓଡ଼ିଶା ଭୂମିରେ ଏକ ପ୍ରକାର ଜାତୀୟତା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ୧୯୨୦ ସାଲରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ପ୍ରତ୍ୟକ୍ଷ ରାଜନୈତିକ ଆନ୍ଦୋଳନରେ ଝାସ ଦେବାର ନିଷ୍ପତ୍ତି ଗ୍ରହଣ କରିବା ଉପଲକ୍ଷ୍ୟରେ ଉତ୍କଳ ସମ୍ମିଳନୀକୁ ଭାଙ୍ଗିଦେବା ପର୍ଯ୍ୟନ୍ତ ତାହାହିଁ ଥିଲା ଓଡ଼ିଆ ଜାତୀୟ ଜୀବନର ସମ୍ମିଳିତ ପ୍ରଚେଷ୍ଟାର ରଙ୍ଗମଞ୍ଚ । ଏହି ଜାତୀୟ ରଙ୍ଗମଞ୍ଚରେ କେବଳ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଆହ୍ୱାନ ଦିଆଯାଇନଥିଲା, ଏହି ମଞ୍ଚରେ ରାଜା, ପ୍ରଜା, ଧନୀ, ନିର୍ଦ୍ଧନ, ଶିକ୍ଷିତ, ଅଶିକ୍ଷିତ, ଜାତି , ଅଜାତି, ଛୁଆଁ, ଅଛୁଆଁ ସମସ୍ତେ ଏକାଠି ହୋଇ ଜାତୀୟ ଜୀବନର ପ୍ରତିଷ୍ଠା ପାଇଁ ପ୍ରଥମେ ଶପଥ ଗ୍ରହଣ କରିଥିଲେ । ବହୁ କାଳର ସାମନ୍ତବାଦୀ ପ୍ରଭାବିତ ସମାଜରେ ଏହି ଆଭିମୁଖ୍ୟ ଏକ ବୈପ୍ଳବିକ ଆଲୋଡ଼ନ ସୃଷ୍ଟି କରିଥିଲେ ହେଁ ଓଡ଼ିଆ ସାହିତ୍ୟରେ ଏହି ଆଭିମୁଖ୍ୟ ଏକ ବୈପ୍ଳବିକ ଆଲୋଡ଼ନ ସୃଷ୍ଟି କରିଥିଲେ ହେଁ ଓଡ଼ିଆ ସାହିତ୍ୟରେ ତାହା ପଦଧ୍ୱନୀ ଆଦୌ ଉଲ୍ଲେଖଯୋଗ୍ୟ ହୋଇ ରହିନାହିଁ । କେବଳ ସେତିକି ନୁହେଁ, ସମ୍ମିଳନୀ ମଞ୍ଚରୁ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା, ଶିଳ୍ପ ଓ ବାଣିଜ୍ୟ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଝଟ୍‌ମାରୀ ପରିବର୍ତ୍ତନ ପାଇଁ ଆହ୍ୱାନ ଦିଆଯାଇଥିଲା । ପରେ ପରେ ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୨୦ ଏବଂ ୧୯୩୦ ସାଲରେ ଦେଶବ୍ୟାପୀ ଜାତୀୟ ସଂଗ୍ରାମରେ ଅନ୍ୟମାନଙ୍କ ସହିତ ଓଡ଼ିଶାର ତ୍ୟାଗୀ, ନିର୍ଭୀକ, ଦେଶ ହିତୈଷୀ ଯୁବକ ଯୁବତୀଗଣ ଯେଉଁପରି ଝାସ ଦେଇଥିଲେ ତାହା ସମଗ୍ର ସାମାଜିକ ଜୀବନକୁ ଓଲଟ ପାଲଟ କରିଦେଇଥିଲା । ପ୍ରାଚୀନ ପ୍ରତିକ୍ରିୟାଶୀଳ ସମାଜର କେତେକ ପଟ୍ଟପୁରୋଧା ବିଦେଶୀ ଶାସନର ଚକ୍ର ତଳେ ପିଷ୍ଟ ହୋଇ ଅତ୍ୟନ୍ତ ଅନୁଗତ ଭାବରେ ଏହି ପରିବର୍ତ୍ତନର ଆହ୍ୱାନକୁ ଶୁଣି ପାରିନଥିଲେ ହେଁ ବିପ୍ଳବର ପ୍ରତିକ୍ରିୟା ଦେଶର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଥିଲା । ମାତ୍ର ଦୁଃଖର କଥା ଯେ ତତ୍କାଳୀନ ସମାଜରେ ଏହି ଯୁଗାନ୍ତକାରୀ ପରିବର୍ତ୍ତନର କାହାଣୀ ଓଡ଼ିଆ ସାହିତ୍ୟର ରୋମାଣ୍ଟିକ୍ -ଧର୍ମୀ ପ୍ରତିଷ୍ଠିତ ସାହିତ୍ୟ -ସାଧକଗଣ ଆଦୌ ବିଚାରକୁ ନେଇପାରି ନାହାନ୍ତି । ସେମାନଙ୍କର କାବ୍ୟ, କବିତା ଓ ଉପନ୍ୟାସରେ ମଧ୍ୟବିତ୍ତ ଗୋଷ୍ଠୀର ବିଶେଷତଃ ନୂତନ ବାବୁ ସମାଜର ନରନାରୀର ପ୍ରଣୟ ବିଳାସ ମୁଖ୍ୟ ଆଖ୍ୟାନ ଭାଗ ରୂପେ ବିବେଚିତ ହୋଇଥିଲା । ଏହିପରି ଅବସାଦପୂର୍ଣ୍ଣ ସାମାଜିକ ଜୀବନରେ ଯେଉଁ କେତେଜଣ ଜାତୀୟତାର ରଣଭେରୀ

ଫୁଙ୍କି ଫୁଙ୍କି ଲେଖନୀକୁ ଚିର ଜାଗ୍ରତ କରିଥିଲେ, ବାଞ୍ଛାନିଧି ମହାନ୍ତି ସେମାନଙ୍କ ମଧ୍ୟରେ ଜଣେ ଶକ୍ତିଶାଳୀ କବି ପୁରୁଷ ଥିଲେ ।

ଭାରତର କୋଟି କୋଟି ତରୁଣ ତରୁଣୀଙ୍କୁ ଦିନେ ଗାନ୍ଧୀଙ୍କର ମହତବାଣୀ ପାଗଳ କରିଦେଇଥିଲା । ସମସ୍ତ ଭୋଗବିଳାସ, ଭବିଷ୍ୟତର ସୁଖ-ସ୍ୱପ୍ନକୁ ଜଳାଞ୍ଜଳି ଦେଇ ହସି ହସି ଜେଲ ଓ ଯନ୍ତ୍ରଣାକୁ ବରଣ କରିବାକୁ ଅସଂଖ୍ୟ ଯୁବକ ଯୁବତୀ ଯେ ଦଉଡ଼ି ଆସୁଥିଲେ, ତାହାର ମୂଳରେ ଗାନ୍ଧିଙ୍କର ଯାଦୁକରୀ ବାଣୀ ବିଜୁଳିର ଚମକପରି ସ୍ପନ୍ଦନ ସୃଷ୍ଟି କରିପାରିଥିଲା । ଗାନ୍ଧିଜୀ କେବଳ ସ୍ୱାଧିନତା ପାଇଁ ଡ଼ାକରା ଦେଇନଥିଲେ, ସେ ଦେଶର ଯାବତୀୟ ଦୋଷ ଓ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ପୃଥିବୀର ଜାତୀୟ ଆନ୍ଦୋଳନର ଇତିହାସରେ ଯାହା ଥିଲା ଅଚିନ୍ତନୀୟ ଏବଂ ଅଶ୍ରୁତପୂର୍ବ, ସେହି ଅସହଯୋଗର ଆହ୍ୱନ ଜରିଆରେ ଦେଶର ଆତ୍ମ ନିର୍ଭରତା, ଜାତୀୟ ଐକ୍ୟ, ଧର୍ମ ଓ ଗୋଷ୍ଠୀଗତ ସମାନତା, ଦଳିତ ଓ ନିଷ୍ପେସିତର ପ୍ରତିଷ୍ଠା ସଂପର୍କରେ ମହାତ୍ମାଗାନ୍ଧିଙ୍କର ବାଣୀ ଅଭାବନୀୟ ପ୍ରେରଣା ସୃଷ୍ଟି କରିପାରିଥିଲା । ଗଭୀର ମାନବ ଧର୍ମୀ ସ୍ୱପ୍ନ କିପରି ସ୍ୱାଧୀନତା ଆନ୍ଦୋଳନର ମୂଳମନ୍ତ୍ର ଥିଲା ତାହା କବି ବାଞ୍ଛାନିଧିଙ୍କ ନିମ୍ନୋକ୍ତ ବାଣୀରୁ ଅନୁମିତ ହୁଏ । ସେ ଗାଇଥିଲେ-

ମାନବତା ପ୍ରୀତି ଯାର ମୂଳ ମନ୍ତ୍ର
ଜାତୀୟ ଗୌରବ ଯାର ଏକ ତନ୍ତ୍ର
ଧରି ସେ ଆଗ୍ରହେ ଯୋଗ ବୀଣା -ଯନ୍ତ୍ର
ସ୍ୱାଧିନତା -ସ୍ୱରେ ଗାଉଛିରେ ।

କବି ବାଞ୍ଛାନିଧି ଥିଲେ ଜାତୀୟ ଯୁଗର ଚାରଣ କବି । ସେ କେବେ ସ୍ୱପ୍ନ ବିଳାସୀ ନଥିଲେ, ପ୍ରତ୍ୟକ୍ଷ ଆନ୍ଦୋଳନରେ ଦୁଃଖ କଷ୍ଟ ବରଣ କରି ଜ୍ୱାଳାମୟୀ ଅଗ୍ନିବାଣୀ ସାହାଯ୍ୟରେ ଜାତୀୟ ସଂଗ୍ରାମର ସୈନିକମାନଙ୍କୁ ଉଦ୍‌ବୃଦ୍ଧ କରିଥିଲେ । ତାଙ୍କର କବିତା ସେତେବେଳେ ଅସଂଖ୍ୟ ସୈନିକର କଣ୍ଠରେ ଝଂକୃତ ହେଉଥିଲା । ନଗର ଓ ପଲ୍ଲୀ ସଂସାରରେ ବାଞ୍ଛାନିଧିଙ୍କ ମର୍ମବାଣୀ ଦୁର୍ବଳର ପ୍ରାଣରେ ସୃଷ୍ଟି କରୁଥିଲା ଅହେତୁକ ଶକ୍ତି ଓ ଉଚ୍ଛ୍ୱାସ । ବିଦେଶୀ ଶାସକମାନଙ୍କ ବିରୁଦ୍ଧରେ ସେ ଯେଉଁ ସଂଗୀତ ରଚନା କରିଥିଲେ ତାହା ଥିଲା ସେ କାଳର ସ୍ୱାଧୀନତା ଯୁଦ୍ଧର ବାନର ସୈନିକମାନଙ୍କର ମୃତ୍ୟୁ ସଂଜିବନୀ ସୁରା । ସେଇ ସଂଗୀତ ଗାଇ ଗାଇ ବିଦେଶୀ ଶାସକର ଲାଠିମାଡ଼ ଏବଂ ସଂଗୀନ ପ୍ରହାରକୁ ସେମାନେ ଖାତିର କରୁନଥିଲେ । ଏହିପରି ଏକ ଅଗ୍ନିଗର୍ଭ ସଂଗୀତ ଯାହା ଲକ୍ଷଲକ୍ଷ ଲୋକଙ୍କର ପ୍ରିୟ ଭାଜନ ହୋଇ ରହିଥିଲା, ତାହା ହେଲା-

କାହୁଁ ଅଇଲେ ବିଦେଶରୁ ବେପାରୀ
ସବୁ ସାଇଲେ ହେଲୁ ଆମେ ଭିକାରୀ
ଇଂରାଜୀ-ଇରାନୀ-ଜର୍ମାନୀ-ଜାପାନୀ
ଚିନା କାବୁଲି ଏ ଦେଶ ସେ ପାରି ।
ଚକ ଚକ ଚାଇନା ମାଟିର ବାସନ
ସାରିଦେଲା ବୃତ୍ତି ଦେଶ କଂସାରି ।
ଫରାସୀର ଫେନ୍‌ସି କାମ -ଜାପାନର ଶସ୍ତା ଦାମ
କଟ୍ଲେରି ଦୁଇ ସେରି ସୁଇଟ୍ ସେଣ୍ଟ ପରଫ୍ୟୁମେରି
କାଚ ଶଂଖା ମାରିଦେଲା ଶଂଖାରୀ ।
ନକଲି ଖଦର ଜାପାନୀ ଚଦର
ଗାନ୍ଧି ଲୁଗାକୁ ହେଲା ଭଗାରି ।

ବିଦେଶୀ ଶାସନର ଚକ୍ରତଳେ ଦେଶର ଅର୍ଥନୈତିକ ଏବଂ ସାମାଜିକ ଦୁର୍ଗତି ପ୍ରତି କବି ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ପରାଧୀନତାର ଗ୍ଲାନି ଯୋଗୁଁ ଜାତୀୟ ଚରିତ୍ର ଏପରି ଭ୍ରଷ୍ଟ ହୋଇଯାଇଅଛି ଯେ ସ୍ୱଦେଶ ଆନ୍ଦୋଳନର ମହତ୍ତ୍ୱ ଲୋକେ ହୃଦୟଙ୍ଗମ କରିବାକୁ ସକ୍ଷମ ହେଉନାହାନ୍ତି । ନିଜର ଶକ୍ତି ଏବଂ ସାମର୍ଥ୍ୟ ଉପରେ ନିର୍ଭର କରି ଅଗ୍ରସର ହେବା ବିଧେୟ । ପର ପଦ ଲେହନ କରି ଅନ୍ୟର ଦୟା ଦାକ୍ଷିଣ୍ୟ ଉପରେ ନିର୍ଭର କରୁଥିବା କୌଣସି ଜାତି କେବେହେଲେ ସମୃଦ୍ଧି ସାଧନ କରିପାରିବ ନାହିଁ । ଜାପାନ ଏବଂ ଜର୍ମାନ ଜାତିର ସମୃଦ୍ଧିର କାହାଣୀ ଏବଂ ଜାତୀୟତାର ଉନ୍ମେଷ ସଂପର୍କରେ ସୂଚନା ପ୍ରଦାନ କରି ବାଞ୍ଛାନିଧି କହିଛନ୍ତି-

ଉଠ ଉଠ ଭାଇ ମଠ କଲେ ରକ୍ଷା ନାହିଁ
ନିଜ ଦେଶକୁ ଉଠାଇ ପୌରୁଷ ପାଳ ।

ପୁନଶ୍ଚ ସେ ସତର୍କ କରାଇ ଦେଇଛନ୍ତି -

କହ କେଉଁ ଜାତି ପାଇଛି ମୁକତି

କରି ହୁରି ହାରି ଗୁହାରୀ,

କହ ପାଇଛି କେ ସୁଖ ଲିଭାଇଛି ଦୁଃଖ

ମାଗି ମାଗି ପଥ ଭିକାରୀ ।

ଯାଚଞ୍ଚା କରି କେହି ସୁଖ ପାଏନାହିଁ । ସୁଖ ଓ ସମୃଦ୍ଧି ଅର୍ଜନ କରାଯାଏ । ନିଜର ଯୋଗ୍ୟତା ବଳରେ ଅଧିକାର ସାବ୍ୟସ୍ତ କରିବାକୁ ହୁଏ । ତେଣୁ ହିନ୍ଦୁ, ମୁସଲମାନ, ଶିଖ୍, ଜୈନ ସମସ୍ତେ ଭାରତ ଜନନୀର ଜୟଗାନ କରି ଅଗ୍ରସର ହୁଅନ୍ତୁ ବୋଲି ତାଙ୍କର କାମନା । କେବଳ ଅନୈକ୍ୟ ଯୋଗୁଁ ଅତୀତରେ ଏହି ବିଶାଳ ଦେଶର ବାରମ୍ବାର ଅଧଃପତନ ଘଟିଅଛି । ଏହି ପ୍ରାଚୀନ ପୁରାଣ ସେବିତ ଜାତିକୁ ବିଦେଶୀଗଣ ଲୁଣ୍ଠନ ଏବଂ ଶୋଷଣ କରି ଆସିଅଛନ୍ତି । ତେଣୁ ଏ ଦେଶର ପ୍ରକୃତ ଶକ୍ତି ନିହିତ ଅଛି ଏକ ଦେଶ ଏବଂ ଏକ ଜାତି ଆହ୍ୱାନକୁ ବରଣ କରିବାରେ ।

ହିନ୍ଦୁ ମୁଳସଲମାନ ଜୈନ ବୌଦ୍ଧ ଖ୍ରୀଷ୍ଟିୟାନ

ସକଳେ ଚେତିଲେଣି ହେ ଭାରତ ସନ୍ତାନ ।

ଆସହେ ଆସ ଭାଇ ସର୍ବେ ମିଳି ଭାରତ ସନ୍ତାନ

ଅସହଯୋଗ ମାତିଣ ଗାଅ ଜନନୀର ଗାନ ।

ରାଜନୈତିକ ସ୍ୱାଧୀନତା କେବଳ ସ୍ୱାଧୀନତା ନୁହେଁ, ଯଦି ତାହା ସହିତ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ସ୍ୱାଧିନତା ହାସଲ ହୋଇନାହିଁ । ଯେଉଁ ସ୍ୱାଧିନ ସମଜରେ ଶୋଷଣ ଓ ଶୋଷିତ ରହିଛନ୍ତି, ଚାଷୀ କରଭାରରେ ନିଷ୍ପୀଡ଼ିତ ହେଉଅଛି, ଅଜାତିର ବାଡ଼ ସୃଷ୍ଟି ହେଉଅଛି, ସେପରି ସ୍ୱାଧୀନତାର କି ମୂଲ୍ୟ ଅଛି ?

କର୍ମଯୋଗୀ ବାଞ୍ଛାନିଧି ତେଣୁ ଅତ୍ୟନ୍ତ ସହାନୁଭୂତିଶୀଳ ହୃଦୟରେ ସମାଜର ଏହି ଅସମାନତା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଗାଇଥିଲେ-

କି ହେବ ସେ ସ୍ୱ-ରାଜ୍ୟ ଘେନି ଯେବେ ମୋର ନପୁରେ ପେଟ

ଖଟି ଖଟି ମଲେଣି ମୂଲିଆ ଚାଷୀ ଚଷି ଦାନା କନା ନିଅଣ୍ଟ ।

ଅଧମାଣେ ଜମି ଜଣକା

କୋରଖରେ ସେ ପୁଣି ବିକା

ଗାଁ ସଭିଏଁ କରଜ କରନ୍ତି ଜଣେ ଦୁଇଜଣ ବମ୍ୱେଇ ସେଠ ।

ମୋ ଭାଇର ବାଟିକୁ ବାଟି

ଅମାର ତ ପଡୁଛି ଫାଟି ।

ମୋର ଚାଳେ ନାହିଁ ଛପର କୁଟାଟି

ମୋ ଭାଇ ଶୋଇଛି ଛପର ଖଟ ।

କବି ବାଞ୍ଛାନିଧି ଥିଲେ ସଂସ୍କାର ପ୍ରାଣ । କେବଳ ରାଜନୈତିକ ସ୍ୱାଧୀନତା ପାଇଁ ସେ ବ୍ୟାକୁଳ ନଥିଲେ, ସେ ଚାହୁଁଥିଲେ ଦେଶର ସର୍ବାଙ୍ଗୀନ ଉନ୍ନତି । ସେ ଅନୁଭବ କରୁଥିଲେ ଯେ ଯେତେବେଳେ ପର୍ଯ୍ୟନ୍ତ ଛୁଆଁ-ଅଛୁଆଁର ବାଡ଼ ତିଆରି ହୋଇଥିବ ସାମାଜିକ ଜୀବନ ଅତ୍ୟନ୍ତ ଦୁର୍ବଳ ହୋଇଯିବ । ଧର୍ମଧ୍ୱଜାଧାରୀ ଭଣ୍ଡ ପୁରୋହିତଗଣ ନିଜର ସ୍ୱାର୍ଥ ପାଇଁ ପୁରାଣର ଅର୍ଥ କରିଛନ୍ତି । ଜାତି ଅଜାତି ତିଆରି କରିଛନ୍ତି ଏବଂ ନାନା ସମାଜିକ ବ୍ୟଭିଚାର ମାଧମରେ ନିଜର ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରୁଛନ୍ତି । ଏହି ଅତ୍ୟାଚାରରୁ ଦେଶବାସୀଙ୍କୁ ମୁକ୍ତ କରିବାକୁ ହେବ । ନଚେତ ଦେଶର ପ୍ରଗତି ଯେଉଁ ତିମିରେ ସେଇ ତିମିରେ ।

ସଂସ୍କାରଧର୍ମୀ କବି ତେଣୁ ଗାଇଛନ୍ତି-

ଛୁଆଁ ଅଛୁଆଁ ଆଚାର, ଜାତି ଅଜାତିର ବିଚାର

ନିଜର ସ୍ୱାର୍ଥ ଲାଗି ପରଚାର କରନ୍ତି ପୁରାଣ କାର ।

ପାପ ପୁଣ୍ୟ ଅବା ଜାତି ଅଜାତି କି ଧନଦେଇ ତଉଲାନ୍ତି ।

ଯେଉଁ କବିତାରେ ଜାତୀୟ ଆଶା ଆକାଙ୍କ୍ଷା ରୂପାୟିତ ହୁଏ, ତାହା ହେଉଛି ଖାଣ୍ଟି କବିତା । ଯାହା ଜୀବନକୁ ଅନୁପ୍ରେରିତ କରେ ଏବଂ ଅନ୍ଧକାର ରାଜପଥରେ ଆଲୋକର ବର୍ତ୍ତିକା ଜାଳିଥାଏ, ତାହା ହେଉଛି ପ୍ରକୃତ ପ୍ରଗତିଧର୍ମୀ । ସାହିତ୍ୟକୁ ଏହି ବିଚାରରେ ଆଲୋଚନା କଲେ ବାଞ୍ଛାନିଧିଙ୍କ କବିତା ଅତ୍ୟନ୍ତ ଜୀବନଧର୍ମୀ ଏବଂ ରସୋତୀର୍ଣ୍ଣ ମନେ ହୋଇଥାଏ । ସେ ହେଉଛନ୍ତି ସାମାଜିକ ଚେତନା ବୋଧର ଜାଗ୍ରତ ପ୍ରହରୀ । ସାର୍ଥକ ସାହିତ୍ୟ ଯଦି ବାସ୍ତବିକ ଜୀବନର ପ୍ରତିଛବି ବହନ କରିଥାଏ, ତେବେ ବାଞ୍ଛାନିଧିଙ୍କ କବିତା ଜାତୀୟ ଯୁଗର ଆଭିମୁଖ୍ୟକୁ ଅତ୍ୟନ୍ତ ସାର୍ଥକ ଭାବରେ ରୂପାୟିତ କରିଅଛି ବୋଲି ସ୍ୱୀକାର କରିବାକୁ ହେବ ।